# ODM PUBLIC SCHOOL

**SESSION :09**
**CLASS :3**
**SUBJECT : ODIA**
**CHAPTER NUMBER: 06**
**CHAPTER NAME : ହାତୀ ମାନିଲା ଏଣ୍ଡୁଅ କଥା**
**SUBTOPIC : ଅଭ୍ୟାସ-୪ ,୫ ,୬ ଓ ୭**

CHANGING YOUR TOMORROW

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ କବିତା ଅବୃତ୍ତି ଶୈଳୀ ର ଅଭିବୃଦ୍ଧି କରାଇବା ।



# ହାତୀ ମାନିଲା ଏଣ୍ଟୁଅ  କଥା









ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।





ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?

ODM EDUCATIONAL GROUP
Changing your Tomorrow



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

# ଅଭ୍ୟାସ -୪ ପଠିତ ଗୀତରୁ କୁହ |

କ –ହାତୀ କିପରି ଆସୁଥିଲା ?

ଖ –ଏଣ୍ଡୁଅ  ହାତୀକୁ କି ଉପଦେଶ ଦେଲା ?

ଗ –ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

ଘ –ଏଣ୍ଡୁଅର ଉପଦେଶ ଶୁଣି ହାତୀ  କଣ କହିଲା ?

ODM EDUCATIONAL GROUP

# ଅଭ୍ୟାସ -୪ ପଠିତ ଗୀତରୁ କୁହ |

କ –ହାତୀ କିପରି ଆସୁଥିଲା ?

ଉ –ହାତୀ ତାର ଶୁଣ୍ଢ ହଲାଇ ହଲାଇ ଆସୁଥିଲା |

ଖ –ଏଣ୍ଡୁଅ  ହାତୀକୁ କି ଉପଦେଶ ଦେଲା ?

ଉ  –ଏଣ୍ଡୁଅ ହାତୀ କୁ ଉପଦେଶ ଦେଇ କହିଲା –ହାତୀ ଭାଇ ଜଳ ଦୂଷିତ କରନାହିଁ |ଜଳ ଦୂଷିତ ହେଲେ ଲୋକମାନେ ହଇରାଣ ହେବେ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ |

ଗ –ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

ଉ -ଦୂଷିତ ଜଳରୁ ଜ୍ଵର ,ଝାଡା ,ବାନ୍ତି ,କାଛୁକୁଣ୍ଡିଆ ,ଯାଦୁ ଆଦି ରୋଗ ହୁଏ |

ଘ –ଏଣ୍ଡୁଅର ଉପଦେଶ ଶୁଣି ହାତୀ  କଣ କହିଲା ?

ଉ -ଏଣ୍ଡୁଅର ଉପଦେଶ ଶୁଣି ହାତୀ କହିଲା –ଏଣ୍ଡୁଅଭାଇ ,ଆଜିଠୁ ତୁ ମୋହର ସାଥି –ମୁଁ ତୋହରକଥା ମାନୁଛି |ସାନ ହେଲେ କଣ ହେଲା ,ତୋ ମୁଣ୍ଡରେ ବଡ ବଡ କଥା ସାଇତା ହୋଇ ରହିଛି |

ODM EDUCATIONAL GROUP

# ଅଭ୍ୟାସ -୫ ଛବି ଦେଖି ଖାଲି ଘରେ ଠିକ ଅକ୍ଷରଟି ଲେଖ |



ଏ -----ଅ



ଗୁ ----ଚି ମୂଷା



ଗେ ------



ମେ -------



କ ------ଇ



ଷ ----



ହ ------

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୫ ଛବି ଦେଖ୍ ଖାଲି ଘରେ ଠିକ ଅକ୍ଷରଟି ଲେଖ |



ଏଣ୍ଡୁଅ



ଗୁଣ୍ଡୁଚି ମୂଷା



ଗେଣ୍ଡା



ମେଣ୍ଢା



କଣ୍ଢେଇ



ଷଣ୍ଢ



ହଣ୍ଡା

ODM EDUCATIONAL GROUP

ଅଭ୍ୟାସ -୬ ହାତୀର ଶୁଣ୍ଢକୁ ଣ୍ଢ ଶବ୍ଦ ସହିତ ଓ ଏଣ୍ଡୁଅର ଲାଞ୍ଜକୁ ଣ୍ଡ ଶବ୍ଦ ସହିତ ଯୋଡ






**ଣ୍ଢ**

ମେଣ୍ଢା

ଷଣ୍ଢ

କଣ୍ଢେଇ

**ଣ୍ଡ**

ତୁଣ୍ଡ

ଖଣ୍ଡା

ଖଣ୍ଡ ଖଣ୍ଡ

ଗଣ୍ଡା

ଦଣ୍ଡ

ତେଣ୍ଡା

ମୁଣ୍ଡ

ମଣ୍ଡା

ଅମୃତ ଭଣ୍ଡା

# ଅଭ୍ୟାସ-୭-ଅକ୍ଷର ଯୋଡି ଶବ୍ଦ ଗଢ ଓ ତଳ ଘରେ ଲେଖ



| | | | | | |
|---|---|---|---|---|---|
| ଅ | ଝ | କେ | ଗେ | ତେ | ଖ |
| ପ | ଥ | କୁ | ହ | ଲ | |

# ଅଭ୍ୟାସ-୭-ଅକ୍ଷର ଯୋଡି ଶବ୍ଦ ଗଢ ଓ ତଳ ଘରେ ଲେଖ




| | | | | | |
|---|---|---|---|---|---|
| ଅଣ୍ଡା | ଝଣ୍ଡା | କେଣ୍ଡା | ଗେଣ୍ଡା | ତେଣ୍ଡା | ଖଣ୍ଡା |
| ପଣ୍ଡା | ଥଣ୍ଡା | କୁଣ୍ଡା | ହଣ୍ଡା | ଲଣ୍ଡା | |

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

୧ -ହାତୀ କିପରି ଆସୁଥାଏ ?

୨ –କେଉଁ ମାନେ ହାତୀକୁ ଦେଖି ପଳାଇ ଗଲେ ?

୩ –କିଏ ପାଣି ଖେଳରେ ମାତିଗଲା ?

୪ –କିଏ ହାତୀକୁ ଆଖି ତରାଟି ଚାହିଁଲା ?

୫ –ଏଣ୍ଡୁଅ ହାତୀକୁ କି ଉପଦେଶ ଦେଲା ?

୬ – ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

୭ –ଜୀବନ ପାଇଁ ମୁଁ କେଉଁ ବିପଦକୁ ଡାକି ଆଣୁଛି,ଏହି କଥା କିଏ କାହାକୁ କହିଥିଲା ?

୮ –ହାତୀ ଏଣ୍ଡୁଅ ର ଉପଦେଶ କୁ ମାନିଲା \ମାନିଲା ନାହିଁ ?

# ଗୃହକର୍ମ

# ଅଭ୍ୟାସ -୮ କୁ  ଖାତାରେ କର  |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP